# NATIONAL NEWS BULLETIN (ODIA)
## 08th Autust - 2024
## Morning Bulletin : 7.15 a.m.

*********************************

ଆକାଶବାଣୀ.....      ସମ୍ବାଦ ପଢୁଛନ୍ତି.....      **ସତ୍ୟବ୍ରତ ବେହୁରା**

## ମୁଖ୍ୟ ସମ୍ବାଦ

- ରାଷ୍ଟ୍ର ନିର୍ମାଣ ଏବଂ ସାମାଜିକ ପରିବର୍ତ୍ତନ କ୍ଷେତ୍ରରେ ଶିକ୍ଷା ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ଭାବେ କାର୍ଯ୍ୟ କରିଥାଏ -କହିଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।
- ୩୩ଟି ରାଷ୍ଟ୍ରୀୟ ବିଜ୍ଞାନ ପୁରସ୍କାର ଘୋଷଣା କଲେ କେନ୍ଦ୍ର ସରକାର ।
- ପ୍ୟାରିସ୍ ଅଲିମ୍ପିକ୍ସରେ ଆଜି ସ୍ୱର୍ଣ୍ଣପଦକ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବେ ପୂର୍ବତନ ବିଶ୍ୱ ଚାମ୍ପିୟନ୍ ନୀରଜ ଚୋପ୍ରା ।
- ବାଂଲାଦେଶରେ ଆଜି ଶପଥ ଗ୍ରହଣ କରିବେ ନୂଆ ମଧ୍ୟବର୍ତ୍ତୀକାଳୀନ ସରକାର ।

ଏବଂ

- ନୀଟ-ପି.ଜି. ୨୦୨୪ ପ୍ରଶ୍ନପତ୍ର ପ୍ରଘଟ ଘଟଣାକୁ ଖଣ୍ଡନ କଲେ କେନ୍ଦ୍ର ସରକାର ।

# ପ୍ରେଜ୍ - ନ୍ୟୁଜିଲାଣ୍ଡ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ରାଷ୍ଟ୍ର ନିର୍ମାଣ ଏବଂ ସାମାଜିକ ପରିବର୍ତ୍ତନ କ୍ଷେତ୍ରରେ ଶିକ୍ଷା ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ଭାବେ କାର୍ଯ୍ୟ କରିଥାଏ । ଆଜି ନ୍ୟୁଜିଲାଣ୍ଡ୍‌ର ରାଜଧାନୀ ୱେଲିଙ୍ଗ୍‌ଟନ୍‌ଠାରେ ଆନ୍ତର୍ଜାତିକ ଶିକ୍ଷା ସମ୍ମିଳନୀକୁ ସମ୍ବୋଧିତ କରି ରାଷ୍ଟ୍ରପତି କହିଛନ୍ତି, ଭାରତ ସରକାର ଦେଶରେ ଶିକ୍ଷା ଗୁଣବତ୍ତା ବୃଦ୍ଧି ନିମନ୍ତେ ଅନେକଗୁଡ଼ିଏ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି ।

ରାଷ୍ଟ୍ରପତି ମୁର୍ମୁ ଆଜି ସକାଳେ ଦୁଇ ଦିବସୀୟ ଗସ୍ତରେ ନ୍ୟୁଜିଲାଣ୍ଡ ରାଜଧାରୀ ୱେଲିଙ୍ଗ୍‌ଟନ୍‌ରେ ପହଞ୍ଚିଥିଲେ । ନ୍ୟୁଜିଲାଣ୍ଡର ଗଭର୍ଣ୍ଣର ଜେନେରାଲ୍ ସିଣ୍ଡି କିରୋଙ୍କ ଉପସ୍ଥିତିରେ ରାଷ୍ଟ୍ରପତି ମୁର୍ମୁଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଓ ଗାର୍ଡ଼ ଅଫ୍ ଅନର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପାରମ୍ପରିକ ମାଓରୀ ସଂସ୍କୃତି ପ୍ରଦର୍ଶନ କରାଯାଇଥିଲା । ଏହି ଅବସରରେ ରାଷ୍ଟ୍ରପତି ମୁର୍ମୁ ସରକାରୀ ବାସଭବନରେ ନ୍ୟୁଜିଲାଣ୍ଡର ଗଭର୍ଣ୍ଣର ଜେନେରାଲ୍‌ଙ୍କ ସମେତ ପ୍ରଧାନମନ୍ତ୍ରୀ କ୍ରୀଷ୍ଟୋଫର ଲକ୍ସନ୍ ଏବଂ ଉପପ୍ରଧାନମନ୍ତ୍ରୀ ତଥା ବୈଦେଶିକ ମନ୍ତ୍ରୀ ୱିଷ୍ଟନ୍ ପିଟର୍ସଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ପରେ ରାଷ୍ଟ୍ରପତି ସେଠାକାର ଜାତୀୟ ଯୁଦ୍ଧସ୍ମାରକରେ ଶ୍ରଦ୍ଧାସୁମନ ଅର୍ପଣ କରିବେ ।

# ନ୍ୟାସନାଲ୍ ସାଇନ୍ସ ଆୱାର୍ଡ଼

କେନ୍ଦ୍ର ସରକାର ୩୩ଟି ରାଷ୍ଟ୍ରୀୟ ବିଜ୍ଞାନ ପୁରସ୍କାର ଘୋଷଣା କରିଛନ୍ତି । ବିଜ୍ଞାନ କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ । ସୂଚନା ଅନୁଯାୟୀ, ଇସ୍ରୋ ଚନ୍ଦ୍ରଯାନ-୩କୁ ମହାକାଶ ବିଜ୍ଞାନ ନିମନ୍ତେ ଏହି ପୁରସ୍କାର ଦିଆଯିବ । ଭାରତୀୟ ବିଜ୍ଞାନ ସଂସ୍ଥାନର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଜି. ପଦ୍ମନାଭନ୍‌ଙ୍କୁ ଜୈବିକ ବିଜ୍ଞାନ କ୍ଷେତ୍ରରେ 'ବିଜ୍ଞାନ ରତ୍ନ' ପୁରସ୍କାର ଦିଆଯିବାପାଇଁ ଚୟନ କରାଯାଇଛି । ସେହିପରି 'ବିଜ୍ଞାନଶ୍ରୀ' ପୁରସ୍କାର ପାଇଁ ଆନନ୍ଦ ରାମକୃଷ୍ଣନ୍ ସି., ଉମେଶ ବୈଷ୍ଣୋ, ଭୀମସିଂହ, ଆଦିମୂର୍ତ୍ତି ଆଦି, ଶୈୟଦ୍ ୱାଜ୍ ଅହମ୍ମଦ ନକ୍‌ବୀ, ସଞ୍ଜୟ ବିହାରୀ ଏବଂ ରାହୁଲ୍ ମୁଖାର୍ଜୀଙ୍କୁ ମନୋନୀତ କରାଯାଇଛି । 'ବିଜ୍ଞାନ ଯୁବ ପୁରସ୍କାର' ପାଇଁ ଡକ୍ଟର ବାପି ପାଲ୍, ଡକ୍ଟର ଅଭିଲାଷ, ରାଧାକୃଷ୍ଣନ୍, ମହାଲକ୍ଷ୍ମୀ, ପୂର୍ବୀ ସୌଫିଆ, ଜିଗେନ୍ଦ୍ରନାଥ ସେନ୍, ପ୍ରଭୁ ରାଜଗୋପାଳ ଏବଂ ପ୍ରଶାନ୍ତ କୁମାର ମନୋନୀତ ହୋଇଛନ୍ତି । ଆସନ୍ତା ୨୩ ତାରିଖରେ ରାଷ୍ଟ୍ରୀୟ ମହାକାଶ ଦିବସ ଅବସରରେ ଆୟୋଜିତ ହେବାକୁ ଥିବା ସମାରୋହରେ ଏହି ପୁରସ୍କାରଗୁଡ଼ିକ ପ୍ରଦାନ କରାଯିବ ।

## ଏଲ୍.ଏସ୍. - ଫାଇନାନ୍ସ ବିଲ୍

ଲୋକସଭାରେ ଅର୍ଥ ବିଧେୟକ ମଞ୍ଜୁରି ଲାଭ କରିଛି । ଏଥିସହିତ ୨୦୨୪-୨୫ ଆର୍ଥିକ ବର୍ଷ ନିମନ୍ତେ କେନ୍ଦ୍ର ସରକାରଙ୍କ ଆର୍ଥିକ ପ୍ରସ୍ତାବ ଓ ବଜେଟ୍ ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇଛି । ଆଲୋଚନାରେ ଭାଗ ନେଇ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି, ଗତ ଏକ ଦଶନ୍ଧି ଧରି ସରକାର ଟିକସ କ୍ଷେତ୍ରରେ  ସୁଧାର ଆଣିବା ତଥା ସ୍ୱଚ୍ଛତା ବଜାୟ ରଖିବା ଉଦ୍ଦେଶ୍ୟରେ କେତେକ ପଦକ୍ଷେପ ନେଇଛନ୍ତି । ମଧ୍ୟବିତ୍ତ ବର୍ଗଙ୍କ ଉପରେ ଟିକସ ବୋଝ ଅଧିକ ହୋଇଯାଉଥିବା ଅଭିଯୋଗକୁ ଖଣ୍ଡନ କରି ଅର୍ଥମନ୍ତ୍ରୀ କହିଛନ୍ତି, ୨୦୨୩ରେ ବ୍ୟକ୍ତିଗତ ଆୟକର ନିୟମକୁ ଉଲ୍ଲେଖନୀୟ ଭାବେ କୋହଳ କରାଯାଇଛି । ଚଳିତ ବଜେଟ୍‌ରେ ଏହି ଆୟକର ସ୍ଲାବ୍‌କୁ ଅଧିକ ସଂଶୋଧନ କରାଯାଇଛି, ଯାହାଦ୍ୱାରା ମଧ୍ୟବିତ୍ତବର୍ଗଙ୍କ ଉପରେ ବିଶେଷ ପ୍ରଭାବ ପଡ଼ିବ ନାହିଁ । ଗତ ଦୁଇ ବର୍ଷ ମଧ୍ୟରେ ଏହି ବର୍ଗ ଲୋକଙ୍କ ଉପରୁ ଟିକସ ବାବଦ ଚାପ ଉଲ୍ଲେଖନୀୟ ଭାବେ ହ୍ରାସ କରାଯାଇଛି ବୋଲି ସେ କହିଛନ୍ତି ।

ଶ୍ରୀମତୀ ସୀତାରମଣ କହିଛନ୍ତି, କୋଭିଡ୍ ମାହାମାରୀ ସମୟରେ କୋଭିଡ୍ ଜନିତ ବ୍ୟୟ ହ୍ରାସ କରିବା ଉଦ୍ଦେଶ୍ୟରେ ନାଗରିକଙ୍କ ଉପରେ କୌଣସି ଟିକସ ଲାଗୁ ନ କରିବାକୁ ପ୍ରଧାନମନ୍ତ୍ରୀଙ୍କର ଦୃଢ଼ ନିର୍ଦ୍ଦେଶ ରହିଥିଲା, ଯାହାକି କୌଣସି ବିକଶିତ ରାଷ୍ଟ୍ରରେ ଦେଖାଯାଏ ନାହିଁ । ଅର୍ଥମନ୍ତ୍ରୀ କହିଛନ୍ତି, ଆନ୍ତର୍ଜାତିକ ବାଣିଜ୍ୟ କାରବାରକୁ ଅଧିକ ପ୍ରୋତ୍ସାହନ ଦେବା ଦିଗରେ

ବହିଃଶୁଳ୍କ ପ୍ରସଙ୍ଗରେ ସରକାର ଅନେକ ଅନୁକୂଳ ପଦକ୍ଷେପ ନେଇଛନ୍ତି । ଏହାଦ୍ୱାରା ଘରୋଇ ଉତ୍ପାଦନ ସହିତ ରପ୍ତାନୀ କ୍ଷେତ୍ରରେ ମଧ୍ୟ ପ୍ରତିଯୋଗିତା ବୃଦ୍ଧି ପାଇବ ବୋଲି ଶ୍ରୀମତୀ ସୀତାରମଣ କହିଛନ୍ତି ।

## ଭି.ପି. - ରାଜସ୍ଥାନ

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଆସନ୍ତାକାଲିଠାରୁ ଦୁଇ ଦିନିଆ ରାଜସ୍ଥାନ ଗସ୍ତରେ ଯିବେ । ଏହି ଗସ୍ତର ପ୍ରଥମ ଦିନ ଶ୍ରୀ ଧନଖଡ଼ ଯୋଧପୁର ଠାରେ ଆୟୋଜିତ ହେବାକୁ ଥିବା ବିଚାରବିଭାଗୀୟ ଅଧିକାରୀମାନଙ୍କର ରାଜ୍ୟସ୍ତରୀୟ ସମ୍ମିଳନୀକୁ ସମ୍ବୋଧନ କରିବେ । ୧୦ ତାରିଖ ଦିନ ଉପରାଷ୍ଟ୍ରପତି ରାଜସ୍ଥାନ ହାଇକୋର୍ଟର ୭୫ ବର୍ଷ ପୂର୍ତ୍ତି ପାଳନ ଅବସରରେ ଆୟୋଜିତ ହେବାକୁ ଥିବା ସମାରୋହରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

## ପ୍ୟାରିସ୍ ଅଲିମ୍ପିକ୍ସ

ପ୍ୟାରିସ୍ ଅଲିମ୍ପିକ୍ସରେ ଆଜି ବିଶ୍ୱ ଚାମ୍ପିୟାନ୍ ନିରଜ ଚୋପ୍ରା ଜାଭେଲିନ୍ ଥ୍ରୋ'ରେ ପ୍ରଦର୍ଶନ କରିବେ । ସେହିପରି ଭାରତୀୟ ପୁରୁଷ ହକି ଟିମ୍ ବ୍ରୋଞ୍ଜ୍ ପଦକ ପାଇଁ ସ୍ପେନ୍ ସହ ମ୍ୟାଚ୍ ଖେଳିବ । କୁସ୍ତିରେ ଆଜି ଅପରାହ୍ଣରେ ୫୭

କିଲୋଗ୍ରାମ୍ ବର୍ଗରେ ପୁରୁଷ କୁସ୍ତିଯୋଦ୍ଧା ଅମନ୍ ସହରାଓ୍ୱତ୍ ଫ୍ରିଷ୍ଟାଇଲ୍ ପର୍ଯ୍ୟାୟରେ ପ୍ରତିଦ୍ୱନ୍ଦ୍ୱିତା କରିବେ । ମହିଳା କୁସ୍ତିଯୋଦ୍ଧା ଅଂଶୁ ୫୭ କିଲୋଗ୍ରାମ୍ ଫ୍ରିଷ୍ଟାଇଲ୍ ପର୍ଯ୍ୟାୟରେ ମଧ୍ୟ ପଡ଼ିଆକୁ ଓହ୍ଲାଇବେ ।

ଗତକାଲି ଭାରତୀୟ ମହିଳା କୁସ୍ତିଯୋଦ୍ଧା ବିନେଶ ଫୋଗାଟ୍ ୫୦ କିଲୋଗ୍ରାମ୍ ବର୍ଗରେ ସାମାନ୍ୟ ଓଜନ ବୃଦ୍ଧି ହେତୁ ବାଦ୍ ପଡ଼ିବା ପରେ ଏହି ନିଷ୍ପତ୍ତି ବିରୋଧରେ ଅପିଲ୍ କରିଛନ୍ତି । ସେ ରୌପ୍ୟ ପଦକ ପାଇଁ ଦାବି କରିଛନ୍ତି । ଭାରତୀୟ କ୍ରୀଡ଼ାବିତ୍ ଏସ୍. ମୀରାବାଈ ଚାନୁ ୪୯ କିଲୋଗ୍ରାମ୍ ବର୍ଗରେ ଚତୁର୍ଥ ସ୍ଥାନରେ ରହିଛନ୍ତି । ଟୋକିଓ ୨୦୨୦ ଅଲିମ୍ପିକ୍ସରେ ରୌପ୍ୟ ପଦକ ହାସଲ କରିଥିବା ମୀରାବାଈ ଚାନୁ ଗତକାଲିର ପ୍ରତିଯୋଗିତାରେ ଅସଫଳ ହୋଇଛନ୍ତି । ସେ ୧୯୯ କିଲୋଗ୍ରାମ୍ ଓଜନ ଉଠାଇବାକୁ ସକ୍ଷମ ହୋଇଥିଲେ । ଏସୀୟ ଚାମ୍ପିୟନସିପ୍ ୨୦୨୦ରେ ମୀରାବାଈ ଚାନୁ ୨୦୫ କିଲୋଗ୍ରାମ୍ ଓଜନ ଉଠାଇଥିଲେ ।

ଅନ୍ୟପକ୍ଷରେ ଭାରତର ଶ୍ରେଷ୍ଠ ଧାବକ ଅବିନାଶ ସାଓ୍ୱଲେ ୩ ହଜାର ମିଟର ପୁରୁଷ ଷ୍ଟେପଲ୍ ଚେଜ୍‌ରେ ଏକାଦଶ ସ୍ଥାନରେ ରହିଥିଲେ । ମରକୋର କେ. ସୋଫିଆନ୍ ୮ ମିନିଟ୍ ୬ ଦଶମିକ ୦/୫ ସେକେଣ୍ଡ୍‌ରେ ବିଜୟୀ ହୋଇଛନ୍ତି ।

## ଫୋଗଟ୍ - ରିଟାୟାର୍‌ମେଣ୍ଟ

ସାମାନ୍ୟ ଓଜନ ବୃଦ୍ଧି ଯୋଗୁଁ ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ରୁ ବାଦ୍ ପଡ଼ିଥିବା ଭାରତୀୟ ମହିଳା କୁସ୍ତିଯୋଦ୍ଧ ବିନେଶ ଫୋଗାଟ୍ କୁସ୍ତିଯୋଦ୍ଧାରୁ ସନ୍ନ୍ୟାସ ନେଇଛନ୍ତି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସେ ତାଙ୍କ ଅବସର ନେବା ବିଷୟ ଘୋଷଣା କରିଛନ୍ତି । ଗତକାଲି ୧୦୦ ଗ୍ରାମ୍ ଓଜନ ବୃଦ୍ଧି ଯୋଗୁଁ ଫୋଗାଟ୍‌ଙ୍କୁ ୫୦ କିଲୋଗ୍ରାମ୍ ମହିଳା କୁସ୍ତିଯୋଦ୍ଧା ପ୍ରତିଯୋଗିତାରୁ ବାଦ୍ ଦିଆଯାଇଥିଲା ।

## ଏନ୍.ଏଚ୍. - ଓଡ଼ିଶା

ଓଡ଼ିଶାରେ ଚଳିତ ବର୍ଷ ସମେତ ଗତ ୫ ବର୍ଷରେ ଜାତୀୟ ରାଜପଥର ବିକାଶ ଓ ରକ୍ଷଣାବେକ୍ଷଣ ବାବଦକୁ ୨୪ ହଜାର ୮୦୫ କୋଟି ଟଙ୍କା ବ୍ୟୟ କରାଯାଇଛି । ଗତକାଲି ରାଜ୍ୟସଭାରେ ସାଂସଦ ଦେବାଶିଷ ସାମନ୍ତରାୟଙ୍କ ଓଡ଼ିଶାରେ ଜାତୀୟ ରାଜପଥ ପ୍ରକଳ୍ପରେ ବିଳମ୍ବ ହେବା ସମ୍ପର୍କିତ ପ୍ରଶ୍ନର ଉତ୍ତର କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ବିଭିନ୍ନ ବିଭାଗରୁ ଅନୁମତି ମିଳିବାରେ ବିଳମ୍ବ ଯୋଗୁଁ ମୁଖ୍ୟତଃ ରାଜପଥ ପ୍ରକଳ୍ପଗୁଡ଼ିକରେ ବିଳମ୍ବ ଘଟୁଛି । ତେବେ ୫୫

ନମ୍ବର ଜାତୀୟ ରାଜପଥ କଟକ-ସମ୍ବଲପୁର ସେକ୍ସନର କାର୍ଯ୍ୟ ଜାରି ରହିଛି । ଏଥିରେ ପ୍ରଥମ ପର୍ଯ୍ୟାୟରେ ୯୧୯ କୋଟି ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୮୪୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ସେ କହିଛନ୍ତି । ସେହିପରି ୫୫ ନମ୍ବର ଜାତୀୟ ରାଜପଥର ଅନୁଗୁଳ-ସମ୍ବଲପୁର ସେକ୍ସନ୍‌କୁ ୪ ଲେନ୍ କରିବାପାଇଁ ୨ ହଜାର ୫୧୪ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିବାବେଳେ ଏପର୍ଯ୍ୟନ୍ତ ୨ ହଜାର ୨୨୧ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି ।

## ବାଂଲାଦେଶ ଅପ୍‌ଡେଟ୍‌ସ୍

ବାଂଲାଦେଶରେ ଆଜି ନୂଆ ମଧ୍ୟବର୍ତ୍ତୀକାଳୀନ ସରକାର ଶପଥ ଗ୍ରହଣ କରିବେ । ସେଠାକାର ସେନାମୁଖ୍ୟ ଓ୍ୱକାର କୁଜ୍ ଜମା କହିଛନ୍ତି, ନୋବେଲ୍ ପୁରସ୍କାର ବିଜେତା ପ୍ରଫେସର ମହମ୍ମଦ ୟୁନୁସ୍‌ଙ୍କ ନେତୃତ୍ୱରେ ଆଜି ରାତିରେ ମଧ୍ୟବର୍ତ୍ତୀକାଳୀନ ସରକାର ଶପଥ ନେବେ । ଆସନ୍ତା ୩ରୁ ୪ ଦିନ ମଧ୍ୟରେ ଦେଶରେ ପରିସ୍ଥିତି ସ୍ୱାଭାବିକ ହେବ ବୋଲି ସେ କହିଛନ୍ତି । ଗତ କିଛିଦିନ ମଧ୍ୟରେ ହିଂସା ଘଟଣାରେ ସାମିଲ୍ ଲୋକମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି । ଇତିମଧ୍ୟରେ ବାଂଲାଦେଶ ସେନା କହିଛି, ଯଦି କୌଣସିଠାରେ ହିଂସାତ୍ମକ ପରିସ୍ଥିତି

ଦେଖାଦେଉଛି, ସେ କ୍ଷେତ୍ରରେ ଲୋକମାନେ ନିକଟତମ ସେନା ଶିବିର ସହ ଯୋଗାଯୋଗ କରିପାରିବେ ।

## ନୀଟ୍ - ପି.ଜି.

ନୀଟ୍-ପି.ଜି. ୨୦୨୪ ପ୍ରଶ୍ନପତ୍ର ପ୍ରଘଟ ଘଟଣାକୁ କେନ୍ଦ୍ର ସରକାର ଖଣ୍ଡନ କରିଛନ୍ତି । କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କେତେକ ଗଣମାଧ୍ୟମ ଏବଂ ସାମାଜିକ ଗଣମାଧ୍ୟମ ଜରିଆରେ ପ୍ରଚାର ଓ ପ୍ରସାର ହେଉଥିବା ଏଭଳି ଖବରକୁ ମିଥ୍ୟା ବୋଲି କୁହାଯାଉଛି । ମନ୍ତ୍ରଣାଳୟ କହିଛି, ନୀଟ୍-ପି.ଜି. ୨୦୨୪ ପରୀକ୍ଷା ପାଇଁ ଏପର୍ଯ୍ୟନ୍ତ ପ୍ରଶ୍ନପତ୍ର ପ୍ରସ୍ତୁତ କରାଯାଇ ନାହିଁ । ରାଷ୍ଟ୍ରୀୟ ଚିକିତ୍ସା ବିଜ୍ଞାନ ପରୀକ୍ଷା ବୋର୍ଡ଼ ଏହି ପ୍ରଶ୍ନପତ୍ର ପ୍ରସ୍ତୁତ କରିଥାଏ । ଏହି ପରୀକ୍ଷା ଦେବାକୁ ଥିବା ଛାତ୍ରଛାତ୍ରୀମାନଙ୍କୁ କୌଣସି ପ୍ରକାର ପ୍ରଲୋଭନରେ ନ ପଡ଼ିବାକୁ ମନ୍ତ୍ରଣାଳୟ ସୂଚନା ଦେଇଛି ।

## ରେଲୱେ - ସୋଲାର ପାୱାର

ଭାରତୀୟ ରେଳବାଇର ସବୁଜ ପଦକ୍ଷେପ ନୀତି ଅନୁଯାୟୀ ପୂର୍ବତଟ ରେଳପଥ ଏହାର ପରିସୀମା ମଧ୍ୟରେ ବିଭିନ୍ନ ଷ୍ଟେସନ ଏବଂ ସର୍ଭିସ ବିଲଡିଙ୍ଗର ଛାତ ଉପରେ ସୌରଶକ୍ତି (ସୋଲାର ପାୱାର ପ୍ଲାଣ୍ଟ) ସ୍ଥାପନ

କରିବାକୁ ଯୋଜନା କରିଛି। ଏହି ଯୋଜନାରେ ପୂର୍ବତଟ ରେଳପଥ ଏହାର ପରିସୀମା ମଧ୍ୟରେ ବାର୍ଷିକ ପ୍ରାୟ ୨୧ ହଜାର ୮୨୬ କିଲୋୱାଟ କ୍ଷମତା ସମ୍ପନ୍ନ ସୌରଶକ୍ତି କେନ୍ଦ୍ର ସ୍ଥାପନ କରିବାକୁ ଯୋଜନା କରିଛି ଯାହାଫଳରେ ଶକ୍ତି ବ୍ୟୟ ବାବଦକୁ ୧୪ କୋଟି ଟଙ୍କା ସଞ୍ଚୟ ହୋଇପାରିବ। ଏହି ପ୍ରକଳ୍ପ ଅଧୀନରେ ପୂର୍ବତଟ ରେଳପଥ ୧୪୯ଟି ଷ୍ଟେସନ୍ କୋଠା, ୨୪୮ଟି ସର୍ଭିସ୍ ବିଲଡିଙ୍ଗ, ୬ ହଜାର ୯୨୪ଟି ଆବାସିକ କୋଠା ଏବଂ ୩୬୬ଟି ଲେଭଲ୍ କ୍ରସିଂ ଗେଟ୍ ମାନଙ୍କରେ ସୋଲାର ପାୱାର ପ୍ଲାଣ୍ଟ ସ୍ଥାପନ କରାଯିବ। ପୂର୍ବତଟ ରେଳପଥ ପକ୍ଷରୁ ପ୍ରାୟ ୮୩.୭୯ କୋଟି ଟଙ୍କାର ଟେଣ୍ଡର ବିଜ୍ଞପ୍ତି ପ୍ରକାଶ ପାଇଛି। ଓଡ଼ିଶାର ବ୍ରହ୍ମପୁର-ପଲାସା ରେଳ ସେକ୍ସନରେ ସୌରଶକ୍ତି ସ୍ଥାପନ ବାବଦରେ ପ୍ରାୟ ୯.୧୩ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିବା ବେଳେ ଭୁବନେଶ୍ୱର-କଟକ-ପାରାଦୀପ-ଭଦ୍ରକ ରେଳ ସେକ୍ସନ ପାଇଁ ୮.୮୬ କୋଟି ଟଙ୍କା, ଅନୁଗୁଳ ରେଳ ସେକ୍ସନ ପାଇଁ ୯.୪୮ କୋଟି ଟଙ୍କା, ଭୁବନେଶ୍ୱର ମୁଖ୍ୟାଳୟ ସମେତ ନିକଟସ୍ଥ ରେଳବାଇ ଅଞ୍ଚଳ ପାଇଁ ୯.୧୦ କୋଟି ଟଙ୍କା, ଖୋର୍ଦ୍ଧା ରୋଡ଼ – ପୁରୀ ରେଳ ସେକ୍ସନ ପାଇଁ ୮.୭୪ କୋଟି ଟଙ୍କା, ପାରାଦୀପ-କେନ୍ଦୁଝରଗଡ ରେଳ ସେକ୍ସନ ପାଇଁ ୮.୧୦ କୋଟି ଟଙ୍କା, ବିଶାଖାପାଟନମ୍ ଅଞ୍ଚଳ ପାଇଁ ୭.୨୫ କୋଟି ଟଙ୍କା, ବିଶାଖାପାଟନମ୍ ଇଲେକ୍ଟ୍ରିକ୍ ଲୋକୋ ଶେଡ୍ ଅଞ୍ଚଳ ପାଇଁ ୭.୧୦ କୋଟି ଟଙ୍କା, ଦୁଭାଡା-ପଲାସା ମୁଖ୍ୟ ଲାଇନ / ନୌପଡା-ଗୁଣୁପୁର / ବିଜୟନଗରମ-ରାୟଗଡା

ଅଞ୍ଚଳ ପାଇଁ ୮.୭୮ କୋଟି ଟଙ୍କା ଓ କୋଟାଭାଲାସା-କିରାଣ୍ଡୁଲ ରେଳ ଲାଇନ ପାଇଁ ୭.୫୩ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

ସୂଚନା ଯୋଗ୍ୟ, ରେଳପଥର ମୁଖ୍ୟାଳୟ କୋଠା, ରେଳ ସଦନ ପରି ଅନ୍ୟ ସ୍ଥାନ ମାନଙ୍କରେ ମଧ୍ୟ ସୋଲାର ପାୱାର ପ୍ଲାଣ୍ଟ ସ୍ଥାପନ କରାଯାଇଛି । ଚନ୍ଦ୍ରଶେଖରପୁରରେ ରେଳ ସଦନ ଛାତ ଉପରେ ସ୍ଥାପନ କରାଯାଇଥିବା ସୋଲାର ପାୱାର ପ୍ଲାଣ୍ଟ/ ନବୀକରଣଯୋଗ୍ୟ ଶକ୍ତି ଉତ୍ସ କ୍ଷମତା ବାର୍ଷିକ ପ୍ରାୟ ୬ ହଜାର ୭୯୦ କିଲୋୱାଟ । ସେହିଭଳି ପୂର୍ବତଟ ରେଳପଥ ପରିସୀମା ମଧ୍ୟରେ ଅଧିକାଂଶ ସ୍ଥାନରେ ଲେଭଲ୍ କ୍ରସିଂ ଗେଟ୍ ମାନଙ୍କରେ ମଧ୍ୟ ସୌରଶକ୍ତି / ନବୀକରଣ ଯୋଗ୍ୟ ଶକ୍ତି ଉତ୍ସ ପ୍ରଣାଳୀ ସ୍ଥାପିତ ହୋଇଛି ।

*****